# Akashvani, Sambalpur

## SAMBALPURI NEWS EVENING BULLETIN

**30 June 2024- 7.02 pm- 7.12 pm.**

*********************************************

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍‌ବାସୀଙ୍କୁ ସମ୍ବୋଧିତ୍ କଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ସାଧାରଣ ନିର୍ବାଚନ୍‌ଥି ସମ୍ବିଧାନ୍ ଆର୍ ଗଣତାନ୍ତ୍ରିକ ବ୍ୟବସ୍ଥା ଉପ୍‌ରେ ବିଶ୍ୱାସ୍ ରଖିଥିବାର୍‌ନୁ ଦେଶ୍‌ବାସୀଙ୍କୁ ଜନାଲେ କୃତଜ୍ଞତା ।

୨- ଦେଶେ ଆଏବା କାଏଲ୍‌ଠାନୁ ଲାଗୁ ହେବା ୩ ଟା ନୂଆଁ ଅପରାଧୀକ ଆଇନ୍ ।

୩- ଆଏବା ୫ ବଛର୍ ଭିତ୍‌ରେ ଓଡ଼ିଶାକେ ଗୁଟେ ବିକଶିତ୍ ରାଜ୍ୟ ଭାବେ ଗଢ୍‌ବାର୍ ଲକ୍ଷ୍ୟଥି ଜାରି ରହେବା କାମ୍- କହେଲେ ମୁଖ୍ୟମନ୍ତ୍ରୀ ।

ଆଉର୍

୪- ମୁଖ୍ୟ ଶାସନ୍ ସଚିବ ଭାର୍ ସମ୍ଭାଲେ ବରିଷ୍ଠ ପ୍ରଶାସକ୍ ମନୋଜ ଆହୁଜା ।

मन् कि बात्        आर्एन्य्यु/ कटक्/ एन्एस्डि

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ୍‌ସଭା ନିର୍ବାଚନ୍‌ଥି ସମ୍ବିଧାନ୍ ଆର୍ ଦେଶର୍ ଗଣତାନ୍ତ୍ରିକ୍ ପ୍ରଣାଳୀ ଉପ୍‌ରେ ନିଜର୍ ବିଶ୍ୱାସ୍ ଦୁହୁରେଇଥିବାର୍‌ନୁ ଦେଶ୍‌ବାସୀଙ୍କୁ କୃତଜ୍ଞତା ଜନେଇଛନ୍ । ୨୦୨୪ ସାଧାରଣ୍ ନିର୍ବାଚନ୍ ବିଶ୍ୱର୍ ସବୁନୁ ବଡ଼ ନିର୍ବାଚନ୍ ଥିଲା ଆଉ ହେଥି ୬୫ କୋଟି ଲୋକ୍ ମତଦାନ୍ କରିଥିଲେ ବଲି ସେ  ଆଏଜ୍ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି କହିଛନ୍ ।

(ଭଏସ୍ ଓଭର୍-୧- ପ୍ରଧାନ୍‌ମନ୍ତ୍ରୀ)

ଆଝିର୍ ଦିନର୍ ମହତ୍ ବାବ୍‌ଦେ ସେ କହିଛନ୍ ଯେ, ଆଏଜ୍ ହୁଲ୍ ଦିବସ୍ ପାଲନ୍ କରାଯାଉଛେ । ଇ ଦିନେ ଝାର୍‌ଖଣ୍ଡ୍‌ର ଦୁହି ବୀର ପୁତ୍ର ସିଦ୍ଧୁ ଆର୍ କାହ୍ନୁ ଖୋବ୍ ସାହାସ୍‌ର ସାଙ୍ଗେ ଦେଇଥିବା ବଲିଦାନ୍ ଆଏଜ୍ ଭିଲ୍ ଲୁକ୍‌କୁ ପ୍ରେରଣା ଦଉଛେ । ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ଇ ବଛର୍ ମୁଲ୍ କରାଯାଇଥିବାର୍ ‘ଏକ୍ ପେଡ଼୍ ମା’ କେ ନାମ୍’ ଅଭିଯାନ୍ ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍ ...

(ଭଏସ୍ ଓଭର୍-୨- ପ୍ରଧାନ୍‌ମନ୍ତ୍ରୀ)

ସେ କହିଛନ୍ ସାରା ବିଶ୍ୱ ନ ଇ ବଛର୍ ଦଶମ ଯୋଗ ଦିବସ୍ ଖୋବ୍ ଉସ୍‌ନାକିର୍ ସଙ୍ଗେ ପାଲନ୍ କରାଯାଇଛେ । ନୀଳ

ନଦୀ ଆର୍ ଲୋହିତ୍ ସାଗର୍ ଖଁଡ଼ି ନ ଲାଖ୍ ଲାଖ୍ ଲୋକ୍ ଯୋଗ କରୁଥିବାର୍ ଫଟୋ ଲୋକପ୍ରିୟ ହେଇଛେ ।

ଆଏବା ମାସ ମୁଲ୍ ହେବାର୍‌କେ ଯାଉଥିବା ପେରିସ୍ ଅଲମ୍ପିକ୍ ଲାଗି ପ୍ରଧାନ୍‌ମନ୍ତ୍ରୀ ଭାରତୀୟ ଦଲ୍‌କେ ଶୁଭକାମନା ଜନେଇଛନ୍ ।

ଆକାଶ୍‌ବାଣୀର୍ ସଂସ୍କୃତ ଭାଷାଥି ସମ୍ବାଦ ପ୍ରସାରଣ୍ ଆଏଜ୍ ୫୦ ବଛର୍ ପୂର୍ତି କରିଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଆକାଶ୍‌ବାଣୀ ପରିବାର୍‌କେ ଶୁଭେଚ୍ଛା ଜନାବାର୍ ସଙ୍ଗେ କହିଛନ୍,

(ଭଏସ୍ ଓଭର୍-୩- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଆଉ ହପ୍ତେ ଉତ୍‌ରୁ ପୁରୀ ନ ଜଗନ୍ନାଥ ମାହାପୁରୁଙ୍କର୍ ରଥଯାତ୍ରା ହେବାର୍‌କେ ଯାଉଛେ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ କୃପା ଦେଶ୍‌ବାସୀଙ୍କର୍ ଉପ୍‌ରେ ରହିଥାଉ ବଲି ସେ ଆଶ୍ କରିଛନ୍ । ଇତାର୍‌ସଙ୍ଗେ ପ୍ରଧାନ୍‌ମନ୍ତ୍ରୀ ଅମର୍‌ନାଥ୍ ଯାତ୍ରା ଆର୍ ପଣ୍ଡରପୁର-ୱାରି ଥି ଭାଗ୍ ନଉଥିବା ଶ୍ରଦ୍ଧାଳୁ ମାନ୍‌କୁ ଶୁଭକାମନା ଜନେଇଛନ୍ । ଭାରତ୍‌ର ସମୃଦ୍ଧ ସଂସ୍କୃତି, ଇତିହାସ୍ ଆର୍ ବିକଶିତ୍ ଭାରତ୍ ପ୍ରୟାସ୍ ଲାଗି ମନ୍ କି ବାତ୍‌ର ଆଲୋଚନା ଜାରି ରହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

୩ ନୂଆଁ ଆଇନ୍ ଆର୍‌ଏନ୍‌ୟୁ/ କଟକ୍

ଦେଶର୍ ଆଇନ୍ ବ୍ୟବସ୍ଥାଥି ଆଏବା କାଏଲ୍‌ଠାନୁ ନୂଆଁ ୩ ଟା ଆଇନ୍ କାର୍ଯ୍ୟକାରୀ ହେବା । ୧୮୬୦ ମସିହାର୍ ବ୍ରିଟିଶ୍ ଆଇନ୍ ଭାରତୀୟ ପିଙ୍ଗଲ୍ କୋଡ଼୍ ଆଇପିସି ବଦ୍‌ଲା ଭାରତୀୟ ନ୍ୟାୟ ସଂହିତା -୨୦୨୩, ଭାରତୀୟ ଫୌଜଦାରୀ ଆଇନ୍ ୧୯୭୩ ବଦ୍‌ଲା ଭାରତୀୟ ନାଗରିକ୍ ସୁରକ୍ଷା ସଂହିତା ୨୦୨୩ ଆଉ ୧୮୭୨ ମସିହାର୍ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ବଦ୍‌ଲା ଭାରତୀୟ ସାକ୍ଷ୍ୟ ଅଧିନିୟମ୍ ୨୦୨୩ କାର୍ଯ୍ୟକାରୀ ହେବା । ଲାଗୁ ହେବାର୍‌କେ ଥିବା ଇ ତିନ୍‌ହି ନୂଆଁ ଆଇନ୍ ପୁଲିସ୍ ଆର୍ ତଦନ୍ତ ବ୍ୟବସ୍ଥାକେ ଆଧୁନିକ୍ ଯୁଗକେ ଆନ୍‌ବା ବଲି ଆଇନ୍ ବିଶେଷଜ୍ଞମାନେ କହିଛନ୍ । ଗଲାବଛର୍ ସଂସଦ୍‌ର ଶୀତକାଲୀନ୍ ଅଧିବେଶନ୍‌ଥି ଇ ଆଇନ୍ ବାବଦ୍ ୩ ଟା ବିଲ୍ ଗୃହିତ୍ ହେଇଥିଲା । ଇନ ଜନେଇ ଦିଆଯାଇପାରେ ଯେ, ୧୯୪୭ ମସିହାଥି ଦେଶ୍ ସ୍ୱାଧୀନ୍ ହେଲା ଉତ୍‌ରୁ ଭିଲ୍ ବ୍ରିଟିଶ୍ ଶାସନ୍ ସମିଆର୍ ୩ ଟା ଆଇନ୍ ସ୍ୱାଧୀନ୍ ଭାରତ୍‌ଥି ଚଲୁଥିଲା । ଭାରତୀୟ ନାଗରିକ୍ ମାନ୍‌କୁ ସମ୍ବିଧାନ୍ ଅନ୍‌ସାରେ ସବୁ ପ୍ରକାରର୍ ଅଧିକାର୍, ନ୍ୟାୟ ଆର୍ ସୁରକ୍ଷା ଦେବାର୍ ଲାଗୁ ହେବାର୍‌କେ ଥିବାର୍ ତିନ୍‌ହି ନୂଆଁ ଆଇନ୍‌ର ଉଦ୍ଦେଶ୍ୟ ଆଏ । ପ୍ରଯୁକ୍ତିବିଦ୍ୟା ଆର୍ ବୈଜ୍ଞାନିକ୍ ଜ୍ଞାନ୍ ଦିବସ୍ ଆଧାରଥି ନୂଆଁ ଧରଣ୍‌ର ଅପରାଧ୍‌କେ ବିଚାର୍ କର୍‌ବାର୍ ଲାଗି ଇ ଆଇନ୍‌ଥି ବ୍ୟବସ୍ଥା ରହିଛେ । ସମାଜ୍‌ଥି ଗରିବ୍, ଅବହେଲିତ୍ ଆଉ ସମ୍ବେଦନ୍‌ଶୀଲ୍ ବର୍ଗକେ ଅଏତ୍‌କା

ସୁରକ୍ଷା ଦେବାର୍ ସହେତେ ନାଗରିକ୍‌ମାନ୍‌କର୍ ଅଧିକାର୍, ଦକ୍ଷ ନ୍ୟାୟିକ ଶାସନ୍ ଆର୍ ନ୍ୟାୟ ପ୍ରଣାଲୀକେ ତ୍ୱରିତ୍ କର୍‌ବାର୍ ଲାଗି ଇ ନୂଆଁ ଆଇନ୍‌ଥି ବ୍ୟବସ୍ଥା ରହିଛେ ।

ବିଜେପିର ବିଜୟ ସମ୍ବର୍ଦ୍ଧନା ଉତ୍ସବ ଆର୍‌ଏନ୍‌ୟୁ/ କଟକ୍

ଆଏବା ୫ ବଛର୍ ଭିତ୍‌ରେ ଓଡ଼ିଶାକେ ଗୁଟେ ବିକଶିତ୍ ରାଜ୍ୟ ଭାବେ ଗଢ଼୍‌ବାର୍ ଲକ୍ଷ୍ୟଥି କାମ୍ ଜାରି ରହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍‌ର ପ୍ରଦର୍ଶନୀ ପଡ଼ିଆଥି ଭାରତୀୟ ଜନତା ପାର୍ଟି ତର୍‌ଫୁ ଆୟୋଜିତ୍ ବିଜୟ ସମ୍ବର୍ଦ୍ଧନା ଉତ୍ସବ୍‌ଥି ଉଦ୍‌ବୋଧନ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦଲର୍ ପ୍ରମୁଖ ନେତୃବୃନ୍ଦ ଆର୍ ଜାତୀୟ ସ୍ତରର୍ ନେତାମାନ୍‌କୁ ଧନ୍ୟବାଦ୍ ଜନାବାର୍ ସଙ୍ଗେ ଦଲ୍ ତର୍‌ଫୁ ଦିଆଯାଇଥିବା ନିର୍ବାଚନ ପ୍ରତିଶ୍ରୁତିକେ ନିଶ୍ଚିତ୍ ଭାବେ କାର୍ଯ୍ୟକାରୀ କରାଯିବା ବଲି କହିଛନ୍ । ପୁରୀ ଶ୍ରୀମନ୍ଦିର୍‌ର ରତ୍ନଭଣ୍ଡାର୍ ଖୁଲ୍‌ବାର୍‌ଠାନୁ ନେଇକରି ଦଲ୍ ତର୍‌ଫୁ ଦିଆଯାଇଥିବା ସବୁ ନିର୍ବାଚନୀ ପ୍ରତିଶ୍ରୁତି ପାଲନ୍ କର୍‌ବାର୍‌କେ ତାଙ୍କର୍ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଉତ୍ସବ୍‌ଥି କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍‌ବୋଧନ୍ ଦେଇକରି କହିଛନ୍ ଯେ, ଆଏବା ୫ ବଛର୍ ଭିତ୍‌ରେ ଓଡ଼ିଶା ରେଲ୍‌ବାଇ କ୍ଷେତ୍ରଥି ଲାଖେ କୋଟି ଟଙ୍କାର୍ ନୂଆଁ ପ୍ରକଳ୍ପ ପାଏବା । ଭାରତୀୟ ଜନତା ପାର୍ଟିକେ

ଖୋବ୍ ସଂଖ୍ୟା ନ ଭୋଟ୍ ଦେଇଥିବାର୍‌ନୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଙ୍କର୍ ଭାଷଣ୍‌ଥି ରାଜ୍ୟର୍ ସାଢ଼େ ୪ କୋଟି ଲୁକ୍‌କୁ କୃତଜ୍ଞତା ଜନେଇଛନ୍ । ଇ ଉତ୍ସବ୍‌ଥି ଭାରତୀୟ ଜନତା ପାର୍ଟିର୍ ସବୁ ସାଂସଦ୍ ଆର୍ ବିଧାୟକ୍‌ମାନେ ଉପସ୍ଥିତ୍ ଥିବାର୍ ବେଲେ ଉତ୍ସବ୍‌ର ଶେଷେ ଦଲର୍ ରାଜ୍ୟର୍ ସାଧାରଣ ସମ୍ପାଦକ୍ ଶାରଦା ପ୍ରସାଦ୍ ଶତପଥୀ ଧନ୍ୟବାଦ ଦେଇଥିଲେ ।

ରଥଯାତ୍ରା - ସ୍ୱତନ୍ତ୍ର ଟ୍ରେନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ପ୍ରସିଦ୍ଧ ରଥଯାତ୍ରାର୍ ଲାଗି ପୂର୍ବତଟ ରେଲ୍‌ବାଇ ତର୍‌ଫୁ ୩ ଶହ ୧୫ ଟା ସ୍ୱତନ୍ତ୍ର ଟ୍ରେନ୍ ଚଲାବାର୍ ପ୍ରସ୍ତୁତି ହେଇଛେ । ହେଥିର୍‌ଲାଗି ରେଲ୍ ସୂଚନା ଆଉ ପ୍ରସାରଣ୍, ଇଲେକ୍ଟ୍ରୋନିକ୍ସ ଆଉ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ପୁରୀ ରେଲ୍‌ଷ୍ଟେସନ୍ ବୁଲି ଦେଖିବାର୍ ସଙ୍ଗେ ରଥଯାତ୍ରା ସମିଆଥି ଭକ୍ତମାନ୍‌କର୍ ସୁବିଧାର୍ ଲାଗି ରେଲ୍‌ବାଇ ତର୍‌ଫୁ କରାଯାଉଥିବାର୍ ବ୍ୟବସ୍ଥାର୍ ସମୀକ୍ଷା କରିଛନ୍ । ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଇଥର ରଥଯାତ୍ରା ଲାଗି ପଡ଼ୋଶୀ ଆନ୍ଧ୍ରପ୍ରଦେଶ୍, ଛତିଶ୍‌ଗଡ଼୍ ଆର୍ ପଶ୍ଚିମବଙ୍ଗ୍ ସାଙ୍ଗେ ଓଡ଼ିଶାର୍ ଭିନ୍ ଭିନ୍ ଇଲାକା ନୁ ପୁରୀକେ ରେଲ୍ ଚଲାଯିବା । ପୁରୀକେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ସାଙ୍ଗେ ଜୁଡ଼୍‌ବାର୍ ସଙ୍ଗେ ଆର୍‌କେତେ ଜାଗା ନୁ

ଭିଲ୍ ସ୍ୱତନ୍ତ୍ର ଟ୍ରେନ୍ ଚଲାବାର୍‌କେ ଯୋଜ୍‌ନା କରାଯାଇଛେ ବଲି ରେଲ୍‌ମନ୍ତ୍ରୀ କହିଛନ୍ ।

ଧର୍ମେନ୍ଦ୍ର ପ୍ରଧାନ୍-ହୁଲ୍ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ହୁଲ୍ ଦିବସ୍ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାନ୍ତାଳ ବିଦ୍ରୋହର୍ କ୍ରାନ୍ତିକାରି ଯୋଦ୍ଧାମାନ୍‌କୁ ସୁର୍‌ତା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ବୀର ଯୋଦ୍ଧାମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନେଇକରି ସେ କହିଛନ୍ ଯେ, ଜନଜାତି ସମାଜ୍‌ର ଏକତା ଆଉ ସଂଘର୍ଷ ବ୍ରିଟିଶ୍ ଶାସନ୍‌ର ମୁଲ୍‌ଦୁଆକେ ଦୁହୁଲେଇ ଦେଇଥିଲା । ନିଜର୍ ସଂସ୍କୃତି, ଜଙ୍ଗଲ୍, ମାଟି ଆଉ ଅଧିକାର୍‌ର ସୁରକ୍ଷା ଲାଗି ବ୍ରିଟିଶ୍ ମାନ୍‌କର୍ ବିରୋଧ୍ ନ ବିଦ୍ରୋହ କରିଥିବା ସିଦ୍ଧୋ ଆର୍ କାହ୍ନୁ, ଚାନ୍ଦ୍‌ଭୈରବ୍ ଆର୍ ଫୁଲୋ ଆର୍ ଝାନୋଙ୍କର୍ ବାଗିର୍ ଆଦିବାସୀ ବୀର ଆର୍ ବୀରଙ୍ଗନାମାନ୍‌କର୍ ଅମର୍ ଗାଥା ଭାରତୀୟମାନ୍‌କର୍ ଲାଗି ପ୍ରେରଣା ଆର୍ ଗୌରବ୍‌ର ଉତ୍ସ ହେଇକରି ରହେବା ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ବରିଷ୍ଠ ଅଧିକାରୀ ମନୋଜ୍ ଆହୁଜା-ମୁଖ୍ୟଶାସନ୍ ସଚିବ

ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ମନୋଜ୍ ଆହୁଜା ଆଏଜ୍ ଉପର୍‌ବେଲା ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ଭାର୍ ସମ୍ଭଲେଇଛନ୍ । ଆଏଜ୍ ସର୍‌କାରୀ ଚାକିରୀ ନୁ ଅବସର ନେଇଥିବା ଆଘର୍ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନାଙ୍କର୍ ଠାନୁ ଶ୍ରୀ ଆହୁଜା ଦାୟିତ୍ୱ ଗ୍ରହଣ୍ କରିଛନ୍ । ଲୋକ୍‌ସେବା ଭବନ୍ ନ ଦାୟିତ୍ୱ ଗ୍ରହଣ୍ କାର୍ଯ୍ୟକ୍ରମ୍ ଉତ୍‌ରୁ ଦୁହି ବରିଷ୍ଠ ଅଧିକାରୀ କିଛି ସମିଆ ଆଲୋଚନା କରିଥିଲେ ।

ସାଂସଦ୍ କିଶନ୍ ପଟ୍ଟନାୟକ- ଜୟନ୍ତୀ ବର୍‌ଗଡ଼୍

ସମ୍ବାଦଦାତା

ବିଶିଷ୍ଟ ସମାଜ୍‌ବାଦୀ ବିଚାରକ୍ ଆର୍ ଆଘର୍ ସାଂସଦ୍ କିଶନ୍ ପଟ୍ଟନାୟକଙ୍କର୍ ୯୪ ତମ ଜୟନ୍ତୀ ବର୍‌ଗଡ଼୍ ନ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ବର୍‌ଗଡ଼୍‌ର ସମତା ଭବନ୍ ନ ସମତା ବିନ୍ଦୁ ରକ୍ତଦାନ୍ ସଂସ୍ଥା ତର୍‌ଫୁ ହେଇଥିବା ରକ୍ତଦାନ୍ ଶିବିରକେ ଚାଷୀ ନେତା ଲିଙ୍ଗରାଜ ଉଦ୍‌ଘାଟନ୍ କରିଥିଲେ । ଶିବିରଥି ୪୮ ଝନ୍ ରକ୍ତଦାନ୍ କରିଥିଲେ ।

କାର୍ଯ୍ୟକ୍ରମ ପ୍ରମୁଖ ତରୁଣକାନ୍ତି ରାଉତ ଅବସର

ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀ କଟକ୍, ଜୋରନ୍ଦା ଆର୍ ବିବିଧଭାରତୀର ଉପ ନିର୍ଦ୍ଦେଶକ୍ ଆର୍ କାର୍ଯ୍ୟକ୍ରମ ପ୍ରମୁଖ ତରୁଣକାନ୍ତି ରାଉତ୍ ଆଏଜ୍ ସର୍‌କାରୀ ଚାକିରୀନୁ ଅବସର ନେଇଛନ୍ । ୩୩ ବଛର୍‌ର ଚାକିରୀ ଜୀବନ୍‌ଥି ଶ୍ରୀ ରାଉତ୍ ୨ ଥର୍ ୧୯୯୬ ଆର୍ ୯୭ ମସିହାଥି ପ୍ରିକ୍ସ ଇଟାଲିଆ ସମ୍ମାନ୍ ଲାଗି ଭାରତ୍‌ନୁ ମନୋନୀତ୍ ହେଇଥିଲେ । ସେନ୍ତା ୨୦୧୯ ମସିହାଥି ଇରାନ୍‌ର ତେହେରାନ୍‌ଠାନେ ଶ୍ରୀ ରାଉତ୍‌ଙ୍କୁ ସାଙ୍ଗିତିକ ଉଦ୍‌ଘୋଷଣା ଲାଗି ଚତୁର୍ଦ୍ଦଶ ବେତାର ମହୋତ୍ସବ୍‌ଥି ସମ୍ମାନିତ୍ କରାଯାଇଥିଲା । ସେ ୮ ଥର୍ ଜାତୀୟ ସ୍ତର ନ ଭିଲ୍ ପୁରସ୍କାର୍ ପାଇଛନ୍ । ୨୦୧୯ ମସିହାଥି ଶ୍ରୀ ରାଉତଙ୍କର୍ ନାଟକ୍ 'ତଥାପି ନିକାଂଚନ' ଏସୀୟ ପେସିଫିକ୍ ବ୍ରଡ଼କାଷ୍ଟିଂ ୟୁନିୟନ୍ ପୁରସ୍କାର୍ ଚୟନ୍ ମଣ୍ଡଳୀ ତର୍‌ଫୁ ୪ ଟା ଶ୍ରେଷ୍ଠ ନାଟକ୍ ଭିତ୍‌ରେ ଠାନ୍ ପାଇଥିଲା । ଶ୍ରୀ ରାଉତ୍ ୨୦୦୦ ମସିହାଥି ଭାରତ୍ ସର୍‌କାର୍‌ଙ୍କର୍ କୋଲୋମ୍ବୋ ଯୋଜ୍‌ନାର୍ ବୃତି ପାଇକରି ନେଦର୍‌ଲାଣ୍ଡ ନ ଉଚ୍ଚଶିକ୍ଷା ଲାଭ କରିଥିଲେ ।

ସେନ୍ତା ଆକାଶ୍‌ବାଣୀ ରାଉର୍‌କେଲାର ବରିଷ୍ଠ ଉଦ୍‌ଘୋଷକ ରଘୁନନ୍ଦନ୍ ଲାକ୍ରା ଭିଲ୍ ଆଏଜ୍ ଚାକିରୀନୁ ଅବସର ନେଇଛନ୍ । ୧୯୯୭ ମସିହାଥି ସେ ଆକାଶବାଣୀଥି ତାଙ୍କର୍ ଚାକିରୀ ଜୀବନ୍ ମୁଳ୍ କରିଥିଲେ ।

## ବୌଦ୍ଧ-ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବିଜୁ ପଟ୍ଟନାୟକ୍ ସନ୍ତରଣାଗାର ନ ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଆଏଜ୍‌ଠାନୁ ମୁଲ୍ ହେଇଛେ । ଆଏବା କାଏଲ୍ ଉଦ୍‌ଯାପିତ ହେବାର୍‌କେ ଥିବା ଇ ପ୍ରତିଯୋଗିତାକେ ଜିଲ୍ଲା ସନ୍ତରଣ ସଂଘର୍ ସଭାପତି ଆର୍ ନଗର୍‌ପାଲ୍ ମୃତ୍ୟୁଞ୍ଜୟ ମିଶ୍ର ଉଦ୍‌ଘାଟନ୍ କରିଥିଲେ । ପ୍ରତିଯୋଗିତାଥି ବାଳକ ଆର୍ ବାଳିକା ବର୍ଗ ନ ମୋଟ୍ ଶହେ ୨୫ ଝନ୍ ପ୍ରତିଯୋଗୀ ଭାଗ୍ ନଉଛନ୍ ।

## ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ଉତର୍‌ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ହେଇଥିବା ଲଘୁଚାପ୍ ପ୍ରଭାବ୍‌ଥି ଆଏବା କାଏଲ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ବର୍ଷା ଲାଗି ରହେବା । ଆଏବାକାଏଲ୍ ସଖାଲ୍‌ତକ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆର୍ ଦେବ୍‌ଗଡ଼୍ ସହେତେ ରାଜ୍ୟର୍ ୧୩ ଟା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆକଳନ୍ କରାଯାଇଛେ ।